OFFICE OF THEPANCHAYAT
SAMITI PAIKMAL, ODISHA

ପଞ୍ଚାୟତ ସମିତି କାର୍ଯ୍ୟାଳୟ
ପାଇକମାଲ, ଓଡ଼ିଶା

Ph/FAX No.-...............................(Office), PIN-768050, E-Mail: ori--paikmal@nic.in

ବିଜ୍ଞାପନ ସଂଖ୍ୟା ୨୮୦୪ ତାରିଖ. ୧୮.୧୨.୨୦୧୯

# ବିଜ୍ଞାପନ

ଏତଦ୍ୱାରା ପାଇକମାଲ **ପଞ୍ଚାୟତ** ସମିତି ଅନ୍ତର୍ଗତ **ବାଦିକଟା** ଗ୍ରାମ**ପଞ୍ଚାୟତ**ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଂଖ୍ୟା-୭୦୪୦, ତା.୨୧.୦୪.୨୦୧୨ ମତେ ଏକ ଯୋଗାଣ ସହାୟକ ନିୟୋଜିତ କରାଯିବ । ଏହି ପଦବୀ ପାଇଁ ଉଚ୍ଛୁକ ପ୍ରାର୍ଥିମାନେ ପରପୃଷ୍ଠାରେ ଦିଆଯାଇଥିବା ଆବେଦନ ପତ୍ର ମୁତାବକ ୨ଟି ପାସପୋର୍ଟ ଫଟୋ ସଂଲଗ୍ନ କରି ଆସନ୍ତା ତା.**୧୬.୦୧.୨୦୨୦** ସୁଦ୍ଧା ପ୍ରାର୍ଥି କେବଳ ରେଷ୍ଟିପୋଷ୍ଟ (Registered Post)/ବା ସ୍ପିଡପୋଷ୍ଟ (Speed Post) ଦ୍ୱାରା **ପଞ୍ଚାୟତ** ସମିତି କାର୍ଯ୍ୟାଳୟ ପାଇକମାଲକୁ ଆବେଦନ କରିପାରିବେ । ଲଫାପା ଉପରେ "ଯୋଗାଣ ସହାୟକ ପାଇଁ ଆବେଦନ ପତ୍ର" ବୋଲି ଉଲ୍ଲେଖ କରିବେ । କୌଣସି ଆବେଦନ ପତ୍ର ଶେଷ ତାରିଖ ପରେ ଆଉ ଗ୍ରହଣ କରାଯିବ ନାହିଁ ।,

<u>ଆବେଦନ କରିଥିବା ପ୍ରାର୍ଥି ମାନଙ୍କୁ ନିମ୍ନ ସର୍ତାବଳୀ, ଅନୁସାରେ ଚୟନ କରାଯାଇ ନିଯୁକ୍ତି କରାଯିବ ।</u>

୧- ପ୍ରାର୍ଥି ସଂପୃକ୍ତ ଗ୍ରାମ**ପଞ୍ଚାୟତ** ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।(ଏ ବାବଦକୁ କ୍ଷମତା ସମ୍ପନ୍ନ ଅଧିକାରୀଙ୍କ ଠାରୁ ସଦ୍ୟ ବାସିନ୍ଦା ପ୍ରମାଣ ପତ୍ର ସଂଲଗ୍ନ କରିବେ)

୨- ପ୍ରାର୍ଥି ଅତିକମରେ ସ୍ନାତକ (+୩) ପରୀକ୍ଷାରେ ଉତିର୍ଣ୍ଣ ହୋଇଥିବେ ।

୩- ପ୍ରାର୍ଥି ମାନଙ୍କ ବୟସ ତା. ୧୬.୧୨.୨୦୨୯ ସୁଦ୍ଧା ୨୧ ବର୍ଷରୁ କମ ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ ।

୪- ମନୋନୀତ ପ୍ରାର୍ଥି ସଂପୃକ୍ତ ଗ୍ରାମ**ପଞ୍ଚାୟତ** ଦ୍ୱାରା ନିର୍ଦ୍ଧାରିତ ମାସିକ ପାରିଶ୍ରମିକ(ଟ.୬୦୦୦/-) ତାଙ୍କର କାର୍ଯ୍ୟ ପାଇଁ ପାଇବେ ।

୫- ଯୋଗାଣ ସହାୟକ ନିଯୁକ୍ତି ପ୍ରାର୍ଥିଙ୍କ ପାଇଁ ଏକ ନିୟମିତ ନିଯୁକ୍ତିର କୌଣସି ଅଧିକାର ରଖାଯାଇ ନାହିଁ ଏବଂ ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯେ କୌଣସି ମୂହୁର୍ତ୍ତରେ ଉକ୍ତ ନିୟୋଜନକୁ ରଦ୍ଧ କରିପାରନ୍ତି । ଏଥିପାଇଁ ନିୟୋଜିତ ବ୍ୟକ୍ତିଙ୍କ ପାଇଁ ଆଇନଗତ ବା ଅଦାଲତର ବ୍ୟବସ୍ଥାକୁ ବର୍ତମାନ କିମ୍ବା ଭବିଷ୍ୟତରେ ବିଚାରକୁ ନିଆଯିବ ନାହିଁ ।

୬- ନିୟୋଜିତ ଯୋଗାଣ ସହାୟକ ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି ବିଭାଗର ସଂପୃକ୍ତ କାର୍ଯ୍ୟାବଳୀ ସମ୍ବନ୍ଧିୟ ଆଇନ କାନୁନକୁ ବାଧତା ମୂଳକ ଭାବେ ମାନି ଚଳିବେ ।

୭- ପରିକ୍ଷାର୍ଥିଙ୍କ ମାଟ୍ରିକ୍ୟୁଲେସନ(ଦଶମ), ଯୁକ୍ତଦୁଇ(+୨) ଓ ଯୁକ୍ତତିନି(+୩) ପରୀକ୍ଷାରେ ଲବ୍ଧ ମାର୍କର ଶତକଡା ହାରକୁ ନେଇ ଅଗ୍ରାଧିକାର କ୍ରମ ତାଲିକା ତିଆରି କରାଯିବ ଏବଂ ତହିରୁ ପ୍ରଥମ ସ୍ଥାନିତ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବ । ଲବ୍ଧ ମାର୍କର ଶତକଡା ୩୦ପ୍ରତିଶତ(ଦଶମ), ୩୦ପ୍ରତିଶତ(+୨), ଓ ୪୦ପ୍ରତିଶତ(+୩) Career weightageକୁ ବିଚାରକୁ ନିଆଯିବ ।

୮- ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ପ୍ରାର୍ଥିଙ୍କ ଆବେଦନ ପତ୍ର କିମ୍ବା ତାଙ୍କର ଚୟନ ପ୍ରକ୍ରିଆ ଓ ନିୟୋଜନକୁ ବିନାସର୍ତରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିବା କ୍ଷମତା ନ୍ୟସ୍ତ ରହିଛି ।

[signature]
ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଇକମାଲ

ପରିପତ୍ର ସଂଖ୍ୟା ୨୮୦୫ ତା ୧୮.୧୨.୨୦୧୯

ଏହାର ଏକକିତା ନକଲ **ପଞ୍ଚାୟତ** ସମିତି ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ **ପ୍ରକାଶ** କରାଗଲା ।

[signature]
ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଇକମାଲ

ପରିପତ୍ର ସଂଖ୍ୟା ୨୮୦୬ ତା ୧୮.୧୨.୨୦୧୯

ଏହାର ଏକକିତା ନକଲ ଉପରୋକ୍ତ ସରପଂଚ / ଅଧକ୍ଷ **ପଞ୍ଚାୟତ** ସମିତି, ପାଇକମାଲଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

[signature]
ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଇକମାଲ

ପରିପତ୍ର ସଂଖ୍ୟା ୨୮୦୮ ତା ୧୮.୧୨.୨୦୧୯

ଏହାର ଏକକିତା ନକଲ ଜିଲ୍ଲାପାଳ ବରଗଡ,/ ଉପ-ଜିଲ୍ଲାପାଳ **ପଦମପୁର** ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

[signature]
ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଇକମାଲ

ପରିପତ୍ର ସଂଖ୍ୟା ୨୮୦୯ ତା ୧୮.୧୨.୨୦୧୯

ଏହାର ଏକକିତା ନକଲ D.I.O NIC ବରଗଡ଼ ଙ୍କ ଅବଗତି ଏବଂ ଜିଲ୍ଲା Website ରେ Upload କରିବା ପାଇ ଅନୁରୋଧ କରାଗଲା

[signature]
ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଇକମାଲ ୧୮.୧୨.୧